# ପିଲାଙ୍କ ଧରିତ୍ରୀ

ଶନିବାର, ୯ ନଭେମ୍ବର, ୨୦୧୯



ପ୍ରସ୍ତର କିଛି ୩



୭ ଜଣା ଅଜଣା

୮ ଆଛିବା

କବିତା ୬

## ମତାମତ

"ପିଲାଙ୍କ ଧରିତ୍ରୀର ପ୍ରତିଟି ପୃଷ୍ଠା ମୋର ଖୁବ୍ ପସନ୍ଦ। ଏହାର ପୃଷ୍ଠା ସଂଖ୍ୟା ବୃଦ୍ଧି କରାଗଲେ ଭଲ ହୁଅନ୍ତା।

**- ଦେବଦତ୍ତ କ୍ଷେତ୍ରିଆ**
ମୋଦିପଡ଼ା, ସମ୍ବଲପୁର

"କହିଲ ଦେଖି ଏବଂ ଆସ ଖୋଜିବାର ଉତ୍ତର ଦେବାକୁ ମୋତେ ଭଲ ଲାଗେ। କବିତା ସ୍ତମ୍ଭରେ ପ୍ରକାଶ ପାଇଥିବା 'କରିଣ ପଛ' ହୃଦୟସ୍ପର୍ଶୀ ଥିଲା।

**- ପୂର୍ଣ୍ଣେନ୍ଦୁ ପଟ୍ଟନାୟକ**
ଗାନ୍ଧୀନଗର, ବଲାଙ୍ଗୀର

"ଜଣା ଅଜଣା ପୃଷ୍ଠାରୁ ଅନେକ ନୂଆ ତଥ୍ୟ ଜାଣିବାକୁ ମିଳୁଛି।

**- କବିତା ସାହୁ**
ଜଟଣୀ, ଖୋର୍ଦ୍ଧା

"ଆଇନା ପୃଷ୍ଠାରେ ପ୍ରକାଶ ପାଉଥିବା କୁନି କୁନି ପିଲାଙ୍କ ଫଟୋ ଖୁବ୍ ସୁନ୍ଦର ଲାଗୁଛି।

**- ଲକ୍ଷ୍ମୀପ୍ରିୟା ହୋତା**
ଜୟପୁର, କୋରାପୁଟ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।


**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.: 2549302, Fax : 2549795

## ଗପ

# ବୋଇତ ଭସାଣ



ସେଦିନ ବଡ଼ଓଷା ପାଇଁ ବିଦ୍ୟାଳୟ ଛୁଟି ଥାଏ। ଗୁଲୁ ବଜାର ସଉଦା ଓ ପରିବାପତ୍ର କିଣି ଛକ ପାରିହେବା ପରେ ତା'ର ସହପାଠୀ ମଣ୍ଟୁ, ଯୋଗେଶ, ଡୁଗୁ, ଉମାକାନ୍ତ ଓ ସୁରେଶଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରିଲା, 'କ'ଣ ତୁମମାନଙ୍କ ହାତରେ ପାଞ୍ଚ ସାତଟା ଲେଖାଏଁ ଡଙ୍ଗା! କଥା କ'ଣ? ଆଉ ଏ ସବୁ ତୁମେ କ'ଣ କରିବ?

ତା' କଥା ଶୁଣି ସାଙ୍ଗମାନେ ହସି ଉଠିଲେ। ଡୁଗୁ ପଚାରିଲା, ତୁ କ'ଣ କିଛି ଜାଣି ପାରୁନୁ? ଆସନ୍ତା କାଲି ପରା କାର୍ତ୍ତିକ ପୂର୍ଣ୍ଣମୀ, ଓଡ଼ିଶାର ବଡ଼ ଗଣ ପର୍ବ। କାଲି ସକାଳେ ନଈ, ପୋଖରୀ ଓ ହ୍ରଦରେ ଡଙ୍ଗା ଭସାଇ ଆମେ ଅତୀତ ଉତ୍କଳର ନୌବାଣିଜ୍ୟ କଥା ମନେପକାଇ ଆନନ୍ଦ ଉତ୍ସବ ପାଳନ କରିବା। ଆଉ ଡଙ୍ଗା ଭସାଇବା ବେଳେ ଗାଇବା,

" ଆ କା ମା ବୈ ପାନଗୁଆ ଥୋଇ
ପାନ ଗୁଆ ତୋର ମାସକ ଧରମ ମୋର।"

କ'ଣ ସାଙ୍ଗମାନେ, ଡଙ୍ଗା ଭସେଇବା ବେଳେ ବଡ଼ିଆ ମଜା ହେବ ନା'? ଯୋଗେଶ କହିଲା, "କିରେ ଗୁଲୁ ତୁ ଏମିତି ବୋକାଙ୍କ ଭଳି କ'ଣ ଆମକୁ ଚାହିଁଛୁ? ତୁ କ'ଣ ଡଙ୍ଗା କିଣି ନେବୁ ନାହିଁ?

"ନା, ଆମ ଗାଆଁର ପିଲାମାନେ ଏ ବର୍ଷ ଠାରୁ ନିଆରା ଢଙ୍ଗରେ ଡଙ୍ଗା ଭସାଇବା ପାଇଁ ଠିକ୍ କରିଛୁ।" ତା' କଥା ଶୁଣି ଉମାକାନ୍ତ ପଚାରିଲା, "କିପରି?"

ମଣ୍ଟୁ କହିଲା, " ଆରେ ବୋକା, ତୁ କ'ଣ ତା'ର କଥାର ମାନେ ବୁଝି ପାରୁନୁ? ସେମାନେ ଏ ବର୍ଷଠାରୁ ପାଣିରେ ଡଙ୍ଗା ନ ଭସାଇ ଭୂମିରେ କିମ୍ବା ଆକାଶରେ ଗୁଡ଼ି ଭଳି ଉଡ଼େଇବେ।

ତା' କଥା ଶୁଣି ସମସ୍ତେ ଜୋରରେ ହସିଲେ। ଗୁଲୁ କହିଲା, "ମଣ୍ଟୁ, ବୋଧେ ମୋ କଥା ତୁ ଠିକ୍ ଭାବେ ବୁଝି ନ ପାରି ଏପରି ଥଟ୍ଟା କରୁଛୁ। ସୁରେଶ ପଚାରିଲା, "ତା' ହେଲେ ତୁମେ କେମିତି ଡଙ୍ଗା ଭସେଇବ କହୁନ?"

ଗୁଲୁ କହିଲା, "ତେବେ ଶୁଣ, ପୂର୍ବେ ସାଧବ ପୁଅମାନେ ସମୁଦ୍ରରେ ବୋଇତ ନେଇ ଯେପରି ବିଦେଶରେ ବଣିଜ ବେପାର କରି ଓଡ଼ିଶାକୁ ଧନଶାଳୀ କରୁଥିଲେ, ଆଉ ସେପରି ହେଉନାହିଁ। ବରଂ ପ୍ଲାଷ୍ଟିକ, କାଗଜ ଓ କଦଳୀ ପଟୁକାରେ ନାଆ ତିଆରି କରି ଆମେ ଜଳାଶୟରେ ଭସାଇ ଜଳକୁ ଦୂଷିତ କରୁଛେ। କେବଳ ସେତିକି ନୁହେଁ ପରେ ତାହା ପଚଶଢ଼ି ଦୁର୍ଗନ୍ଧରେ ବାୟୁମଣ୍ଡଳ ଓ ପାଣି ମଧ୍ୟ ଦୂଷିତ କରୁଛେ। ପରିବେଶ ଅପରିଷ୍କାର ଫଳରେ ଆମର ସ୍ୱାସ୍ଥ୍ୟହାନି ଘଟୁଛି। ବିଭିନ୍ନ ରୋଗରେ ଜୀବ, ପକ୍ଷୀ, ମଣିଷ ଆକ୍ରାନ୍ତ ହେଉଛନ୍ତି।

ତେଣୁ ଚଳିତ ବର୍ଷ ଠାରୁ ଆମେ ପାଣିରେ ଡଙ୍ଗା ନ ଭସାଇ ବରଂ ଗାଁରେ କୃତ୍ରିମ ପୋଖରୀ ତିଆରି କରି ସେଠାରେ ଭସାଇ ପରେ ତାହା ପୋଡ଼ି ଦେବା। କିମ୍ବା ବିଦ୍ୟାଳୟରେ ପିଲାଙ୍କର ବୋଇତ ବନ୍ଦାଣ ସମ୍ପର୍କିତ ଚିତ୍ରାଙ୍କନ, କୁଇଜ, ତର୍କ ପ୍ରତିଯୋଗିତା ମାଧ୍ୟମରେ ମଧ୍ୟ ନୌବାଣିଜ୍ୟର ସ୍ମୃତିକୁ ମନେ ପକାଇପାରିବା।"

ଏହା ଶୁଣିବାପରେ ତାକୁ ଧନ୍ୟବାଦ ଦେବା ସହିତ ସେମାନଙ୍କର ନିଆରା ଢଙ୍ଗରେ ଡଙ୍ଗା ଭସେଇବାକୁ ସମସ୍ତେ କରତାଳି ଦେଇ ପ୍ରଶଂସା କଲେ।

**- ଶ୍ରୀନିବାସ ପାଣି**
କନ୍ତକାଇ, କଳାପଥର, କଟକ
ମୋ: ୯୭୭୮୨୬୨୫୫


## ଖିଲିଖିଲି ହସ

ଚିଣ୍ଟୁ ଥରେ ଗାଁକୁ ଯାଇଥିଲା। ସେଠାରେ ଦେଖିଲା ମିଣ୍ଟୁ ଗଧ ଉପରେ ବସି ଯାଉଛି। ଚିଣ୍ଟୁ: ଆରେ ମିଣ୍ଟୁ ଜଲ୍‌ଦି ଗଧ ଉପରୁ ଓହ୍ଲା। ମିଣ୍ଟୁ: କାହିଁକି?
ଚିଣ୍ଟୁ: ତୁ ପରା ହେଲ୍‌ମେଟ୍ ପିନ୍ଧିନୁ ତୋତେ ପୋଲିସ୍ ଧରିବ।
ମିଣ୍ଟୁ: ଚିଣ୍ଟୁ ଟିକେ ତଳକୁ ଅନା ମୁଁ ପରା ଚାରିଟିକିଆରେ ଯାଉଛି!

ମୋଟୁ: ପତ୍‌ଲୁ ତୁମର ସେଠାରେ ଥଣ୍ଡା କେମିତି ପଡ଼ିଛି?
ପତ୍‌ଲୁ: ଜିଓ ନେଟୱର୍କ ପରି।
ମୋଟୁ: କେମିତି?
ପତ୍‌ଲୁ: ବାହାରକୁ ଗଲେ ଲାଗୁଛି ଭିତରେ ଲାଗୁନି।

ମନୋଜ ବାବୁଙ୍କ ଘରେ ରାମୁ କାମ କରେ।
ଦିନେ ରାମୁ ସକାଳୁ ଉଠି କହିଲା-ଆଜି ସକାଳେ ହିଁ ମଟର ଖରାପ୍ ହୋଇଯାଇଛି। ରାମୁ: କ'ଣ କରିବି ବାବୁ ମଟରକୁ ଫୋପାଡି ଦେବି?
ମନୋଜବାବୁ: ସନ୍ଧ୍ୟା ପର୍ଯ୍ୟନ୍ତ ରହ ମୁଁ ଠିକ୍ କରିଦେବି।
ରାମୁ: ତେବେ ଠିକ୍ ଅଛି ବାବୁ, ମୁଁ ଆଳୁ ମଟର ତରକାରି ବଦଳରେ କୋବି ଆଳୁ ତରକାରି କରିଦେଉଛି।

## ବିନ୍ଦୁ ଯୋଡ଼



## ଚଗଲା ଭୀମୁ



# ୱଣ୍ଡର କିଡ୍ସ

କମ୍ ବୟସରେ ସେମାନେ ସାଉଁଟିଛନ୍ତି ଅନେକ ସଫଳତା। ତାଙ୍କ ସଫଳତାର କାହାଣୀ ଅନ୍ୟମାନଙ୍କ ଲାଗି ପାଲଟିଛି ପ୍ରେରଣା। ପାଠପଢ଼ା ସାଙ୍ଗକୁ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା କେତେଜଣ କୁନି ପ୍ରତିଭାଙ୍କ ସମ୍ପର୍କରେ....

## କୁନି ପେଣ୍ଟର ଅଦ୍ୱୈତ



ପୁଣେର ଅଦ୍ୱୈତ କୋଲର୍କର, ଯାହାଙ୍କ ବୟସ ମାତ୍ର ୫ ବର୍ଷ। ଏହି ବୟସରେ ସେ ସର୍ବକନିଷ୍ଠ ପେଣ୍ଟର ଭାବେ ସାଉଁଟିଛନ୍ତି ଅନେକ ଲୋକପ୍ରିୟତା। ଅଦ୍ୱୈତଙ୍କ ଅଙ୍କିତ ଚିତ୍ର ନ୍ୟୁୟର୍କର ଆର୍ଟ ଏକ୍ସପୋରେ ପ୍ରଦର୍ଶିତ ହେବା ପାଇଁ ଯୋଗ୍ୟ ବିବେଚିତ ହେବା ପରେ ଅନେକ ଅନ୍ତର୍ଜାତୀୟ କଳାପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କେବଳ ସେତିକି ନୁହେଁ, ତାଙ୍କ ପେଣ୍ଟିଂ ବର୍ତ୍ତମାନ ୪ ହଜାର ୟୁଏସ୍ ଡଲାରରୁ ଦୂର୍ଦ୍ଧ୍ୱ ମୂଲ୍ୟରେ ବିକ୍ରୟ ମଧ୍ୟ ହେଉଛି।

## ଲିଟିଲ୍ ଡ୍ରମର ଅଂଶୁମାନ

ତ୍ରିପୁରାର ୪ ବର୍ଷର ବାଳକ ଅଂଶୁମାନ ନନ୍ଦୀ ଭାରତର ସର୍ବକନିଷ୍ଠ ଡ୍ରମର ଭାବେ ଟାଇଟଲ ହାସଲ କରିବା ସହ ସାଉଁଟିଛନ୍ତି ଅନେକ ସଫଳତା। ବାପାଙ୍କଠାରୁ ଡ୍ରମ୍ ପ୍ଲେ ଶିଖୁଥିବା ଅଂଶୁମାନଙ୍କ ଫ୍ୟାନ୍ ଫଲୋୟର୍ସ ଖୁବ୍ ଅଧିକ। ତାଙ୍କର ଏହି ପ୍ରତିଭା ତାଙ୍କୁ ବଲିଉଡ୍ ଫିଲ୍ମ 'ହିନ୍ଦୀ ମିଡିୟମ'ରେ ଡ୍ରମର ବୟ ଚରିତ୍ରରେ ଅଭିନୟ କରିବାର ସୁଯୋଗ ଦେବା ସହ ନ୍ୟାଶନାଲ ଆୱାର୍ଡ ୱିନର ମଧ୍ୟ କରାଇଥିଲା।



## ବିସ୍ମୟ ତବଲା ବାଦକ ତୃପ୍ତରାଜ

ମାତ୍ର ଦେଢ଼ବର୍ଷ ବୟସରୁ ତବଲା ବଜାଇବା ଆରମ୍ଭ କରିଥିଲେ ମୁମ୍ବାଇର ତୃପ୍ତରାଜ ପାଣ୍ଡ୍ୟା। ସେବେଠାରୁ ତାଙ୍କର ତବଲା ବଜେଇବା ପ୍ରତି ଆଗ୍ରହ ଜାତ ହୋଇଥିଲା। ତୃପ୍ତରାଜ ପ୍ରଥମେ ୩ ବର୍ଷ ବୟସରେ ଅଲ୍ ଇଣ୍ଡିଆ ରେଡିଓରେ ନିଜ ପ୍ରତିଭା ପ୍ରଦର୍ଶନ କରି ପ୍ରଶଂସା ସାଉଁଟିବା ପରେ ୬ବର୍ଷ ବୟସରେ ୟଙ୍ଗେଷ୍ଟ ତବଲା ପ୍ଲେୟର ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାଁ ଲେଖାଇବାର ଗୌରବ ଅର୍ଜନ କରିଛନ୍ତି।



## ଗୁଗଲ ବୟ କୌଟିଲ୍ୟ

ସାଧାରଣ ଜ୍ଞାନ ଓ କରେଣ୍ଟ ଆଫାୟର୍ସରେ ବଡ଼ ଲୋକ ବି ତାଙ୍କଠୁ ହାର୍ ମାନିଯାଆନ୍ତି। ଦୁନିଆର ବିଭିନ୍ନ ଖବର ଥାଏ ତାଙ୍କ ଜିଭ ଅଗରେ। ଦେଶ,ବିଦେଶ ଓ ରାଜ୍ୟ ସମ୍ପର୍କିତ ପ୍ରତିଟି ପ୍ରଶ୍ନର ଉତ୍ତର ସେ ଚଟାପଟ ଦେଇପାରନ୍ତି। ଏହି ପ୍ରତିଭା ଲାଗି ହରିୟାଣାର କୌଟିଲ୍ୟଙ୍କୁ ଗୁଗଲ ବୟର ମାନ୍ୟତା ମିଳିଛି। ମାତ୍ର ୫ ବର୍ଷ ବୟସରୁ ସେ ଏହି ଗୌରବ ଅର୍ଜନ କରିବାରେ ସମର୍ଥ ହୋଇଛନ୍ତି।



## ଫ୍ରିଷ୍ଟାଇଲ ସୁଇମର ଆଲ୍ୟା

ଯେଉଁ ବୟସରେ ପିଲାମାନେ ପାଣିକୁ ଦେଖିଲେ ଡରନ୍ତି ସେହି ବୟସରେ ଆଲ୍ୟା ବିୟାନି ଫ୍ରିଷ୍ଟାଇଲ ସୁଇମର ଭାବେ ସୃଷ୍ଟି କରିଛନ୍ତି ରେକର୍ଡ। ବର୍ତ୍ତମାନ ଅଷ୍ଟ୍ରେଲିଆରେ ବାସ କରୁଥିବା ଆଲ୍ୟା ମାତ୍ର ୬ ବର୍ଷ ବୟସରେ ଅବିରତ ଭାବେ ଏକଘଣ୍ଟା ଯାଏ ପାଣିରେ ପହଁରି ଇଣ୍ଡିଆନ୍ ବୁକ୍ ଅଫ୍ ରେକର୍ଡରେ ନିଜ ନାମ ସାମିଲ କରିବାରେ ସକ୍ଷମ ହୋଇଛନ୍ତି।







## ୟଙ୍ଗେଷ୍ଟ ରାଇଟର ଆୟାନ

ଆସାମ ଲକ୍ଷ୍ମୀପୁରର ୪ ବର୍ଷୀୟ ଆୟାନ ଗୋଗୋଇ ଗୋହେନ ଭାରତର ସର୍ବକନିଷ୍ଠ ଲେଖକ ହେବାର ଗୌରବ ଅର୍ଜନ କରିଛନ୍ତି। ୨୦୧୮ ମସିହାରେ ପ୍ରକାଶିତ 'ହନିକୋମ୍ବ' ପୁସ୍ତକ ଲାଗି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। ଏହି ପୁସ୍ତକରେ ଆୟାନଙ୍କ ଲିଖିତ ୩୦ଟି ଛୋଟ କାହାଣୀ ସହିତ ତାଙ୍କ ଦ୍ୱାରା ଅଙ୍କିତ ଏକ ଚିତ୍ର ମଧ୍ୟ ପ୍ରକାଶ ପାଇଛି।



୧




୨



୩




୪



୧୧





୫



୬



୭



୮



୯



୧୦



୧୨

୧ 
**ଅଙ୍କିତା ଦାସ**
କ୍ଲାସ-୮,ଷ୍ଟୁଆର୍ଟସ୍କୁଲ,
ଭୁବନେଶ୍ୱର

୨ 
**ସାଦ୍ୟାନ୍ତ ଶତପଥୀ**
କ୍ଲାସ-୧, ମଦର୍ସ
ପବ୍ଲିକ୍ ସ୍କୁଲ,
ପୁରୀ

୩ 
**ଲିପାଲି ବିଦ୍ୟା ବିଭୂଷିତା**
କ୍ଲାସ-୬,
ସେଣ୍ଟ ଜାଭିୟର୍ସ ସ୍କୁଲ,
ପିପିଲି,
ପୁରୀ

୪ 
**ଈପ୍ସିତା ମହାନ୍ତି**
କ୍ଲାସ-୬,ଗୁରୁନାନକ
ପବ୍ଲିକ୍ ସ୍କୁଲ,ବରେଇପାଲି,
ସମ୍ବଲପୁର

୫ 
**ମହାଶ୍ୱେତା ସାହୁ**
କ୍ଲାସ-ୟୁକେଜି, ଲୋଟସ୍
ଇଣ୍ଟରନ୍ୟାଶନାଲ୍ ସ୍କୁଲ,
ସୋହେଲା
ବରଗଡ଼

୬ 
**ଶ୍ରିୟାଶ୍ରୀ ମିଶ୍ର**
କ୍ଲାସ-୧, ପ୍ରଭୁଶ୍ରୀ
ଇଂଲିଶ୍ ମିଡିୟମ୍ ସ୍କୁଲ,
ପୁରୀ

୭ 
**ଶିବାନୀ ପଟ୍ଟନାୟକ**
କ୍ଲାସ-୫, ଡିଏଭି ପବ୍ଲିକ୍
ସ୍କୁଲ୍, ପୁରୀ

୮ 
**ରିଚା ମହାନ୍ତି**
କ୍ଲାସ-୪, ଡିଏଭି
ପବ୍ଲିକ୍ ସ୍କୁଲ୍,
ପୁରୀ

୯ 
**ପ୍ରତିଜ୍ଞା ପ୍ରିୟଦର୍ଶିନୀ ସାହୁ**
କ୍ଲାସ-୪,ସରସ୍ୱତୀ ଶିଶୁ
ବିଦ୍ୟା ମନ୍ଦିର, ମଧୁସୂଦନ
ନଗର, ଯାଜପୁରରୋଡ,
ଯାଜପୁର

୧୦ 
**ପ୍ରିତିପ୍ରିୟଦର୍ଶିନୀ**
କ୍ଲାସ-୨, ୟଙ୍ଗ
ଫନିକ୍ସ ପବ୍ଲିକ୍ ସ୍କୁଲ,
ଭୁବନେଶ୍ୱର

୧୧ 
**ଅନନ୍ୟା ରୂପାଲି ତ୍ରିପାଠୀ**
କ୍ଲାସ-୫, ଉଚ୍ଚ ପ୍ରାଥମିକ
ବିଦ୍ୟାଳୟ,ଗୋବିନ୍ଦପାଲି,
ମାଲକାନଗିରି

୧୨ 
**ସତ୍ୟମ୍ ଷଡ଼ଙ୍ଗୀ**
କ୍ଲାସ-୬, ସରସ୍ୱତୀ ଶିଶୁ
ବିଦ୍ୟା ମନ୍ଦିର,ଟାଙ୍ଗୀ
କଟକ

## ପାର୍ଥକ୍ୟ ଦର୍ଶାଅ



## ଶିଶୁର କଥା



**ଶି**ଶୁଟିଏ ମୁହିଁ କହୁଛି ଶୁଣ
ମୋ ଠାରେ ଅଛି ଅନେକ ଗୁଣ
ପ୍ରତିଭା ଆମର ନ ଦେଖି ତୁମେ
ଦୁଷ୍ଟ ହୁଅ କିଆଁ କହୁଛ ଆମେ
ଛୋଟ ଶିଶୁଟିଏ ଛୋଟିଆ କଳି
ବାସ ବିତରିବ ଫୁଲଟେ ହୋଇ
ଆମରି ହାତରେ ହସିବ ଦେଶ
ବିକଶିବ ଦିନେ ଆମରି ଯଶ ।
ପ୍ରଧାନମନ୍ତ୍ରୀ ନେହେରୁ ଚାଚା
ଥିଲେ ଶିଶୁପ୍ରେମୀ ନିହାତି ସଚ୍ଚା
ତାଙ୍କରି ପବିତ୍ର ଜନମ ଦିନ
ଶିଶୁଙ୍କ ନାମରେ କରିଲେ ଦାନ ।

ଶିଶୁଟି ହସିଲେ ଜଗତ ହସେ
ମହକାଇ ଦିଏ ତାହାରି ବାସେ
ଶିଶୁଙ୍କୁ ଦେବାକୁ ଆଦର ସ୍ନେହ
ଲଗାଅ ତାଙ୍କଠି ମମତା ମୋହ
ହଟିଯାଉ ଶିଶୁ ଶ୍ରମିକ ପ୍ରଥା
ଟାଣ ଉଚ୍ଚ ହେଉ ଶିଶୁର ମଥା ।
ଶିଶୁ ଦିବସରେ ଶପଥ ନେବା
ଶିଶୁପାଇଁ ବେଳ ସୁଯୋଗ ଦେବା ।
ଭାଳିବା ଶିଶୁଙ୍କ ମଙ୍ଗଳ ଲାଗି
ସାରା ଦେଶବାସୀ ଉଠନ୍ତୁ ଜାଗି ।

**–କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀମାର୍ଗ, ଅନୁଗୋଳ

## ତୁମ ପଢିବା ପାଇଁ

ଶୁଆ–ଶାରୀ: ତ୍ରୈମାସିକ ଶିଶୁ–କିଶୋର ପତ୍ରିକା 'ଶୁଆ ଶାରୀ'ର ଶାରଦୀୟ ବିଶେଷାଙ୍କ ସଂଖ୍ୟାରେ ବୋଉ,ମିତ ପାଇଁ ଗୀତ, ଯାହାକୁ ଯିଏ, ତେଲୁଣୀ ପୋକ,ନୀଳ ଆକାଶେ ପରି ରହିଛି କେତୋଟି ଗଳ୍ପ ଓ କବିତା । ସମୀର କୁମାର ପାଢ଼ୀଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୨୦ଟଙ୍କା । ଯୋଗାଯୋଗ: ଶୁଆଶାରୀ କାର୍ଯ୍ୟାଳୟ, ଟେନ୍‌ସା, କ୍ୱାର୍ଟର ନଂ –ବି/୧୧୭, ସୁନ୍ଦରଗଡ଼ ।




## ଏ ଥ ର ର ପ୍ର ଶ୍ନ

★ଶିକ୍ଷକ: ଶିକ୍ଷୟିତ୍ରୀ: : କବି:----

★ବାଘ:ବାଘୁଣୀ: : ସିଂହ:------

★ଉପକାର:ଅପକାର: : ବିଶ୍ୱାସ:------

★ଆଗ:ପଛ: : ଉପର:-------

★ବଗ:ବଗୁଲୀ: : ମୟୂର:------



## ଆରଥରର ଉ ତ୍ତ ର

* ଚଣ୍ଡିଗଡ଼
* ଚେସ୍
* ବ୍ୟାଗ୍
* ଅଟା
* ଶଗଡ଼

## ଆ କା ମା ବୈ

**ଆ** କା ମା ବୈ
ପାନ ଗୁଆ ଥୋଇ
ଧରମ ଡଙ୍ଗା ମୋ ଭାସିଯା
ମାସକ ଧରମ ଦେଇ ।
ପବିତ୍ର କାର୍ତ୍ତିକ ପୂନେଇଁ
ଡଙ୍ଗା ମୋ ରଖିଛି ସଜେଇ
ଗୁଆ ପାନ ଦୀପ ବନ୍ଦେଇ
ନାଆ ମୋର ଦେଲି
ଭସେଇ
ଠାକୁରଙ୍କୁ ହୋଇ ଜୁହାର
ପୂଜିଲି ଜଗତ ଗୋସାଇଁ
ସାରା ଜୀବନ ମୋ
ଠାକୁରେ
ଧର୍ମ ପଥେ ନିଅ ଚଳାଇ ।

**–ଅର୍ଚ୍ଚନା କର**
ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର

## ଡଙ୍ଗା କାଗଜରେ ସଜା

**କୁ**ନି ଆଉ ମାମା ପାଳିବେ ପୂର୍ଣ୍ଣିମା
କାର୍ତ୍ତିକର ଶେଷ ସୀମା ।
ଡଙ୍ଗା ବାହିବାକୁ ଭାବି ଭାବି ଆଖି
ପଲକ ପଡୁନି ଜମା ।
ବଜାରେ ମହଙ୍ଗା
କଦଳୀ ବାହୁଙ୍ଗା
ଫନୀ ଯୋଗୁ ଘର ଭଙ୍ଗା
କଦଳୀ ଗଛଟେ ପାଉନାହିଁ ଆଈ
ମୁହଁ ପଡିଯାଏ ରଙ୍ଗା ।
ନଟିଆର ଅଜା ସତେ ଗାଁ ରାଜା
କୁହନ୍ତି କରହେ ମଜା
ଧାଇଁ ଆସି ଆଈ ନିଅନ୍ତି ତାଙ୍କଠୁ
ଡଙ୍ଗା କାଗଜରେ ସଜା
କାଗଜ ଡଙ୍ଗାକୁ ଦିଅନ୍ତି ଭସାଇ
ପାନ ଗୁଆ ଦୀପ ଥୋଇ
ସ୍ମୃତି ଗଉରବେ ଆଈ ଓ ନାତୁଣୀ
ଗାଇ ଆ କା ମା ବୈ



ବୋଇତ ବନ୍ଦାଣ ସାଧବର ପଣ
ବୀର ଓଡିଆର ଟାଣ ।
ବେପାର ବଣିଜେ ହୋଇଛି ସମୃଦ୍ଧ
ଉତ୍କଳ ସଂସ୍କୃତି ପ୍ରାଣ ।

**– ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ

## କ ବି ତା

## ସ୍ନେହ ପ୍ରୀତିର ଡଙ୍ଗା

**ଆ**ସ କୁନା, ମୁନା, ମୁନି ଯେତେ ମୋ ଭଉଣୀ ଭାଇ
ସଭିଏ ମିଶି ଦେବା ସ୍ନେହ ପ୍ରୀତିର ଡଙ୍ଗା ଭସାଇ
ସାତ ଦରିଆ ପାରି ହୋଇ ଯିବ ସେ ବାଣିଜ୍ୟ କରି
ସାଥିରେ ଆଣିବ ବିଦେଶରୁ ସେ ନୂଆ ଦରବ କିଣି ।
ଜାଭା ସୁମାତ୍ରା ବାଲି ଦୀପକୁ ଦେବା ବୋଇତ ମେଲି
ବିଦେଶେ ବାଣିଜ୍ୟ କରି ଫେରିଆସି ହସିବ ଖିଲିଖିଲି
ଧବଳ ନଗର କଟକ ସହର ପୃଥିବୀ ବିଖ୍ୟାତ ପୁଣି
ଆମ ରୁପା ତାରକସି ଆମ ପରିଚୟ ଏହା ରଖ ତୁମେ ଜାଣି ।
ଜଗତୀକରଣ ଆଳରେ ଯିବାନି ଆମ ପରମ୍ପରାକୁ ଭୁଲି
ଆମ ଐତିହ୍ୟ ସଂସ୍କୃତି କଳାକୁ ରଖିବା ଅମର କରି ।
ଆମ ରାଇଜର ଆତ୍ମା ଯେ ଆମ ପର୍ବ ପର୍ବାଣି
ଭାଷା ସଂସ୍କୃତିର ରାଣୀ ସେ ଯେ ଆମ ମଉଡ଼ମଣି ।

**–ମୀରା ବେଉରା**
ରଘୁନାଥ ଜୀଉ ମହାବିଦ୍ୟାଳୟ,ଦେଉଳିସାହି, କଟକ

## ଅଭାବ ନ ପଡୁ କେବେ

**କା**ର୍ତ୍ତିକ ପୂନେଇଁ ଆସିଅଛି ଆଜି ସାଧବପୁଅ ତୁ ଆ
ରୂପେଲି ବୋଇତ ମେଲି ଦେଇ ତୋର ଜାଭା ବୋର୍ନିଓକୁ ଯା
ସାତ ସମୁଦର ଡେର ନଇ ତେଣେ ଚାହିଁଛନ୍ତି ତୋର ବାଟ ,
ବରଷ ବରଷ ଶୋଇତୁ ରହିଛୁ,ଏଣିକି ଅଳସ କାଟ ।
ଶଙ୍ଖ ହୁଳହୁଳି ଶବଦେ ଶବଦେ ଉଚ୍ଛୁଳି ପଡୁଛି ଧରା,
ଶୋଇ ଶୋଇ ମୂକ ପାଲଟି ଗଲୁଣି କାନକୁ କରୁନି ଡରା ।
କଦଳୀପଟୁଆ ରଙ୍ଗିନ କାଗଜରେ ବୋଇତ ତିଆରି କରି
ନଈ, ନାଳ,ପୋଖରୀରେ ଭସେଇବୁ ମନରେ ସରାଗ ଭରି ।
ଆ କା ମା ବୈ ଗୀତ ଗାଇ ଗାଇ ଚଉପଦୀ ଦୀପ ଜାଳି,
ମନେ ପକେଇବୁ ତୋ ଗୁଣ ଗରିମା ନାରିକେଳ ଜଳ ଢାଳି ।
ଆକାଶେ ହସୁଛି ଥାଳି ପଟ ଜହ୍ନ ଉଠତୁ ଅଳସ ତେଜି,
ରୂପେଲି ବୋଇତ ମେଲିଦେ ପୁଅ ଅତୀତ ଗୌରବ ହେଜି
ସକଳ ସପନ ତେଜି ଦେଇ ତୋର ନିଦରୁ ଉଠିବୁ ଏବେ,
ଧନ୍ୟ ଧାନ୍ୟେ ଭରୁ ଏ ଓଡ଼ିଶା ମାଟି 'ଅଭାବ ନ ପଡୁ କେବେ' ।

**–ଚିତ୍ତରଞ୍ଜନ ପଟ୍ଟନାୟକ**
ନିଗମ ନିବାସ,ଘୁଟୁକେଶରୀ,ନରଣପୁର,କେନ୍ଦୁଝର

# ଜଣା ଅଜଣା




✲ ଗୋଟିଏ ଟନ୍ କାଗଜକୁ ରିସାଇକଲ କରାଗଲେ ପ୍ରାୟ ୧୭ ଟି ଗଛ କଟାଯିବାରୁ ରକ୍ଷା କରାଯାଇପାରିବ।

✲ ଆଭାକାଡୋ ଗଛର ଉଚ୍ଚତା ପ୍ରାୟ ୬୩ ଫୁଟ ଯାଏଁ ବୃଦ୍ଧି ପାଇଥାଏ।





✲ ଭେନେଜୁଏଲାର ଏଞ୍ଜେଲ ଫଲ୍ ଦୁନିଆର ସବୁଠାରୁ ଉଚ୍ଚା ଝରଣା ଯାହାର ଉଚ୍ଚତା ୩୨୧୨ ଫୁଟ।

✲ ବ୍ରହ୍ମକମଳ ଏଭଳି ଏକ ଫୁଲ ଯାହା ବର୍ଷରେ ଥରେ ଫୁଟିଥାଏ। ଏହି ଫୁଲ କେବଳ ରାତିରେ ହିଁ ଫୁଟେ।




✲ ଆମେରିକାରେ ଦେଖାଦେଉଥିବା ବେସିଲିସ୍କ ଲିଜାର୍ଡ ବା ଯିଶସ୍ ଖ୍ରୀଷ୍ଟ ନାମକ ଏଣ୍ଡୁଅ ପାଣି ଉପରେ ମଧ୍ୟ ଦୌଡ଼ିପାରେ।





ଇଟାଲୀର ଆନ୍ଡ୍ରିଆ ଆମାତି ସର୍ବ ପ୍ରଥମେ ଭାଓଲିନ୍ ନିର୍ମାଣ କରିଥିଲେ।

# ଆଇନା



ପଦ୍ମଜା
୧୦ ବର୍ଷ



ବିଶ୍ୱଜିତ୍
୫ ବର୍ଷ



ଦୀପାଳି
୭ ବର୍ଷ